ଶନିବାର, ୯ ଡିସେମ୍ବର, ୨୦୨୩

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ DHARITRI 50 Years



୬ କବିତା

୮ ଆଇନା

## ଖିଲି ଖିଲି ହସ

ଜଣେ ନେତା ଚାଷୀଙ୍କୁ ଭେଟିବାକୁ କ୍ଷେତକୁ ଗଲେ। ସେଠାରେ ସେ ଚାଷୀଙ୍କୁ ଦେଖି କହିଲେ– ଆରେ ଭାଇ, ତୁମ ପାଦ ତଳେ ଏତେ ମାଟି କେମିତି ଲାଗିଲା ?
ଚାଷୀ: ସାହେବ, କ୍ଷେତରେ ମାଟି ଅଛି ନା ?
ନେତା: ହଉ ତୁମେ ଚିନ୍ତା କରନା, ମୁଁ ଯଦି ଇଲେକ୍ଶନରେ ଜିତିବି ସବୁଯାକ ଜମି ସିମେଣ୍ଟ କରିଦେବି।

ଶିକ୍ଷକ କ୍ଲାସ୍‌ରେ ପଢ଼ାଉଥିବା ସମୟରେ ରାହୁଲକୁ ପଚାରିଲେ– ଆକବର କେବେ ପର୍ଯ୍ୟନ୍ତ ଶାସନ କରିଥିଲେ ?
ରାହୁଲ: ସାର୍, ଆକବର ପେଜ୍ ନଂ.୧୪ରୁ ଶାସନ ଆରମ୍ଭ କରି ପେଜ୍ ନଂ.୨୨ ପର୍ଯ୍ୟନ୍ତ ସାରିଥିଲେ।

ବାପା–ଝିଅ ମଧ୍ୟରେ କଥାବାର୍ତ୍ତା।
ବାପା: ଆରେ ଝିଅ, ତୁ କାହିଁ ମୋତେ ଆଉ ପାପା ନ ଡାକି ଡାଡି ଡାକୁଛୁ ?
ଝିଅ: ନା ବାପା, ସେମିତି କିଛି ନାହିଁ। ପାପା ଡାକିଲେ ମୋ ଲିପ୍‌ଷ୍ଟିକ୍ ଖରାପ ହୋଇଯିବ। ସେଥିଲାଗି ମୁଁ ତୁମକୁ ଡାଡି ବୋଲି ଡାକୁଛି।

## ସାବଧାନ..



ଦଶ ବର୍ଷର ରାଣୀ ପଢୁଥିଲା ପଞ୍ଚମ ଶ୍ରେଣୀରେ। ଏଥରର ବାର୍ଷିକ ପରୀକ୍ଷାରେ ସାହିତ୍ୟ ପ୍ରଶ୍ନପତ୍ରରେ 'ଜଳ' ଉପରେ ନିବନ୍ଧ ଲେଖିବାକୁ କୁହାଯାଇଥିଲା।

ସେ ଜଳ ବିଷୟରେ କିଛି ପଢ଼ି ନ ଥିଲା ସତ, କିନ୍ତୁ ତାକୁ ଜଳ ବିଷୟରେ ଅଳ୍ପବହୁତ ଜଣାଥିଲା। ସେ ଜାଣିଥିଲା ଯେ ଜଳ ହିଁ ଜୀବନ। ତେଣୁ ସେ ତା'ର ଛୋଟିଆ ମୁଣ୍ଡରେ ଥିବା ବୁଦ୍ଧିକୁ ଏକାଠି କରି ଜଳ ବିଷୟରେ ଟିକିଏ ଭାବିଲା। ତା'ପରେ ଲେଖିବାକୁ ଆରମ୍ଭ କଲା। ସେ ପ୍ରଥମେ ଲେଖିଲା, 'ଜଳ ହିଁ ଜୀବନ'। ତା'ପରେ ଲେଖିଲା ଆମଘରେ ନା ତ କୌଣସି ନଳ ଅଛି ନା ଅଛି କୂଅ। ତେଣୁ ଆମଘରେ ଜଳ ସଂଗ୍ରହ ପାଇଁ ବହୁ କଷ୍ଟ କରିବାକୁ ପଡେ। ମୋ ମା' ଦୁଇ କିଲୋମିଟର ଚାଲିଚାଲି ଯାଇ ଜଳ ଆଣନ୍ତି ଗରାରେ। ଆଉ ମୁଁ ମଧ୍ୟ ମା'ଙ୍କ ସହିତ ଯାଇ ଛୋଟ ଛୋଟ ବାଲ୍‌ଟିରେ ଜଳଭରି ଆଣେ ଘରକୁ।

ଦୁଇବର୍ଷ ତଳେ ରଥଯାତ୍ରା ସମୟରେ ସମୁଦ୍ରରେ ବୁଡ଼ି ମୋ ବାପାଙ୍କର ମୃତ୍ୟୁ ଘଟିଥିଲା। ତେଣୁ ଜଳର ଅନ୍ୟ ନାମ 'ମରଣ'। ପ୍ରତିବର୍ଷ ବନ୍ୟାରେ ଜଳର ପ୍ରବଳତାରେ ଅନେକ ଲୋକ ମୃତ୍ୟୁବରଣ କରନ୍ତି। ଆଉ ଜଳର ଅଭାବରେ ମଧ୍ୟ ବହୁତ ଲୋକ ମୃତ୍ୟୁବରଣ କରନ୍ତି। ଆମେ ଗରିବ ହୋଇଥିବାରୁ ମୋ ମା' ବାଡିରେ ଖୋଜିଖୋଜି କିଛି ପରିବା ଆଉ ଶାଗ ଆଣେ। ଆଉ ତାକୁ ଜଳରେ ସିଝେଇ ମୋତେ ଖାଇବାକୁ ପରଷି ଦିଏ। ସେସବୁ ଜିନିଷ ମୋତେ ଜମାରୁ ଭଲ ଲାଗେନି ଖାଇବାକୁ। ହେଲେ ମୋ ମା' କୁହେ ସ୍ୱାସ୍ଥ୍ୟ ଭଲ ରହିବା ପାଇଁ ଏହା ବହୁତ ଉପକାରୀ। ତେଣୁ ମୁଁ ସେସବୁକୁ ଚୁପ୍‌ଚାପ ଖାଇଦିଏ। ମୋତେ ସିଝାଶାଗ ଆଉ ପରିବା ପରଷିଲା ବେଳେ ମା'ର ଆଖିରେ ପାଣିଭରିଯାଏ। ଆଉ ତା' ଆଖିର ଲୁହକୁ ଦେଖି ମୋ ଆଖି ମଧ୍ୟ ଭରିଯାଏ ପାଣିରେ। ମୁଁ ପ୍ରାୟ ରାତିରେ ସ୍ୱପ୍ନ ଦେଖେ ଯେ ଆମ ଘର ପାଖରେ ବହୁତ ବଡ଼ ଗାତ ଅଛି, ଆଉ ତାହା ମା'ର ଆଖିର ପାଣିରେ ପୂରା ଭରିଯାଇ ପରିଣତ ହୋଇଯାଇଛି ଗୋଟିଏ ପୋଖରୀରେ। ଏହା ସତ ଯେ ମୋ ମା'ଙ୍କ ଆଖିରେ ବହୁତ ପାଣି ଅଛି। ଦିନେ ନା ଦିନେ ଯଦି ସେହି ପାଣିସବୁ ଏକାଠି ହୋଇ ପୋଖରୀ କିମ୍ବା ଗାଡ଼ିଆଟେ ହେଇଗଲେ ଆମକୁ ଆଉ ଏତେ ଦୂରକୁ ଚାଲିଚାଲି ଯାଇ ଜଳ ଆଣିବାକୁ ପଡ଼ିବନି। କ'ଣ ମୁଁ ସତ କହିଲି ନା.. ?

**– ମନୋଜ କୁମାର ବେହେରା**
ବାୟାବାବା ମଠ ଲେନ୍, ୟୁନିଟ୍–୯, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ମତାମତ

▶▶ ତୁମ ତୂଳୀ ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ସୁନ୍ଦର ହେଉଛି।

**–ରାକେଶ ସାହୁ, ନୟାଗଡ଼**

▶▶ ଗପରେ 'ମ୍ୟାଜିକ୍ ପେନ' ଭଲ ଲାଗିଲା। ସାଇ କିପରି ନିଜର ଭୁଲ୍ ବୁଝିପାରି ପାଠପଢ଼ାରେ ମନ ଲଗାଇଲା ତାହା ଏଥିରୁ ଜାଣିହେଲା।

**–ପୀତବାସ ବାରିକ୍, କେନ୍ଦ୍ରାପଡ଼ା**

▶▶ ଜଣା ଅଜଣା ସ୍ତମ୍ଭରେ ବ୍ଲାକବକ୍ସ ସମ୍ପର୍କରେ ଜାଣିବା ସହ ପକ୍ଷୀ ଅଭୟାରଣ୍ୟ ପାଠରୁ ଆମ ଦେଶର କେଉଁ କେଉଁ ସ୍ଥାନରେ ପକ୍ଷୀ ଅଭୟାରଣ୍ୟ ରହିଛି ସେ ବିଷୟରେ ତଥ୍ୟ ମଧ ଜାଣିବାକୁ ପାଇଲି।

**–ରୁଦ୍ରାଂଶ ମହାନ୍ତି, ସାଲେପୁର, କଟକ**

## ରଙ୍ଗ ଦିଅ



## ଜୁଲୁଜୁଲିଆ ପୋକ

**ସାଧାରଣତଃ ବର୍ଷାଦିନେ ଅଧିକ ସଂଖ୍ୟାରେ ଜୁଲୁଜୁଲିଆ ପୋକ ଦେଖାଯାନ୍ତି। ଏହି କୀଟର ଦେହରୁ ଆଲୋକ କିପରି ବାହାରୁଥାଏ ତାହା ଜାଣିବା ପାଇଁ ସମସ୍ତଙ୍କ ମନରେ ଉତ୍ସୁକତା ରହିଥାଏ। ତେବେ ଏଭଳି ବିଭିନ୍ନ ଅଜବ ଗୁଣ ରହିଛି ଏହି କ୍ଷୁଦ୍ର କୀଟର।**



❖ ଜୁଲୁଜୁଲିଆ ପୋକ ଶରୀରରୁ ଆଲୋକ ଉତ୍ପନ୍ନ ହୋଇଥାଏ। ଏପରି ହେବାର କାରଣ ହେଉଛି ଏହା ଶରୀରରେ ଥିବା ବାୟୋ ଲୁମିନିସେଣ୍ଟ ନାମକ ଉପଦାନ।

❖ ଅନ୍ୟ କୀଟମାନଙ୍କ ଭଳି ଜୁଲୁଜୁଲିଆ ପୋକ ମଧ୍ୟ ଅଣ୍ଡା ଦେଇଥାନ୍ତି।

❖ ଜୁଲୁଜୁଲିଆ ପୋକର ଲାଇଟ୍ ସବୁ ଲଗାତର ଜଳେ ନାହିଁ। ଏହା ୧ ସେକେଣ୍ଡରୁ କମ୍ ସମୟ ମଧ୍ୟରେ ଜଳିବା ପରେ ଲିଭି ଥାଏ।

❖ ପ୍ରକୃତରେ ଜୁଲୁଜୁଲିଆ ପୋକର ଶ୍ୱାସ ନଳୀରେ ଏକ ପ୍ରକାରର ପଦାର୍ଥ ରହିଥାଏ ଯାହା ଅମ୍ଳଜାନ ସଂସ୍ପର୍ଶରେ ଆସିବା ଫଳରେ ଚକମକ କରିଥାଏ। ଏହା ଆମ ଆଖିକୁ ଲାଇଟ୍ ଜଳିବା ପରି ଦେଖାଯାଏ।

❖ ଦକ୍ଷିଣ ଆମେରିକା ଓ ୱେଷ୍ଟଇଣ୍ଡିଜର ବିଭିନ୍ନ ଅଞ୍ଚଳରେ ଦେଖା ଯାଉଥିବା ଜୁଲୁଜୁଲିଆ ପୋକ ମଧ୍ୟରେ ଅଧିକ ଉଜ୍ଜ୍ୱଳ ଆଲୋକ ଦେଖିବାକୁ ମିଳିଥାଏ। ଏପରିକି କେତେକ ବିଶେଷ ପ୍ରକାରର ଜୁଲୁଜୁଲିଆ ପୋକ ଆକାରରେ ବଡ ହୋଇଥାନ୍ତି।

❖ ମାଈ ଜୁଲୁଜୁଲିଆ ପୋକଙ୍କର ପର ନ ଥାଏ, ତେଣୁ ସେମାନେ ଗଛ ପତ୍ର ଉପରେ ହିଁ ଏପଟ ସେପଟ ହୁଅନ୍ତି।

❖ ଏହାର ମୁଖ୍ୟ ଖାଦ୍ୟ ହେଉଛି ଗଛର ପତ୍ର। ମାତ୍ର କିଛି ପ୍ରଜାତି କ୍ଷୁଦ୍ର କୀଟମାନଙ୍କୁ ଖାଇଥାନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଏମିତି କେତେକ ପ୍ରଜାତି ଅଛନ୍ତି ଯେଉଁମାନେ ଆଦୌ କିଛି ଖାଆନ୍ତି ନାହିଁ।

❖ ସାଧାରଣତଃ ଜୁଲୁଜୁଲିଆ ପୋକ ୩ ବର୍ଷ ପର୍ଯ୍ୟନ୍ତ ଜୀବିତ ରହନ୍ତି, କିନ୍ତୁ କିଛି ପ୍ରଜାତି ଅଛନ୍ତି ଯେଉଁମାନେ ମାତ୍ର ୪ ରୁ ୫ ସପ୍ତାହ ପର୍ଯ୍ୟନ୍ତ ବଞ୍ଚି ରହନ୍ତି।

❖ ଜୁଲୁଜୁଲିଆ ପୋକ ବ୍ୟତୀତ ବିଶ୍ୱରେ କିଛି ବିଶେଷ ପ୍ରକାରର ମାଛ, ଗଛ, ଶୈବାଳ ଓ ଜେଲିଫିସ୍ ମଧ୍ୟ ଆଲୋକ ଦେଇଥାନ୍ତି।

# ହସିଖେଳି ପଢ଼ିବା ପାଠ

**ସ୍କୁଲ, ଟିଉଶନ୍ କିମ୍ବା ଘରେ ବସି ପାଠ ପଢ଼ିବା ପାଇଁ ବେଳେବେଳେ ବୋର୍ ଲାଗିଥାଏ। କିନ୍ତୁ ଏମିତି କିଛି ଶୈଳୀ ରହିଛି, ଯାହା ମାଧ୍ୟମରେ ପିଲାମାନେ ସିଧାସଳଖ ପାଠ ପଢ଼ନ୍ତି ନାହିଁ, କିନ୍ତୁ ମଜାରେ ମଜାରେ ଶିକ୍ଷାଗ୍ରହଣ କରନ୍ତି। ନିଜ ଦକ୍ଷତା ବୃଦ୍ଧି କରିବା ପାଇଁ ପିଲାମାନେ ଏସବୁ କିଛି ଜାଣିରଖିବା ଦରକାର।**



ବେଳେବେଳେ ପାଠ ପଢିବାକୁ ଇଚ୍ଛା ହୁଏନି କିମ୍ବା ହୋମ୍‌ୱର୍କ କରିବାକୁ ବି ମନେରହେନି। ତେଣୁ ମନକୁ ଖୁସି କରିବା ପାଇଁ ପିଲାମାନେ କେବେ ଟିଭି କିମ୍ବା ଫୋନ୍ ଦେଖନ୍ତି ତ ଆଉ କେବେ ଖେଳନ୍ତି। ହେଲେ ଏସବୁ ମାଧ୍ୟମରେ ବି ପାଠ ପଢି ହେବ। ଜାଣି ରଖନ୍ତୁ ଏଭଳି କିଛି ଉପାୟ।

## ଗପବହି ପଢ଼ିବା

ବେଳେବେଳେ ପାଠବହି ପଢ଼ିବା ପାଇଁ ଇଚ୍ଛା ହୁଏନି, ତେଣୁ ସେ ସମୟରେ ଗପବହି କିମ୍ବା ଅନ୍ୟ ଯେକୌଣସି ବହି ପଢ଼ିପାରିବେ। ଏମିତି କି ଶୋଇବାକୁ ଯିବାବେଳେ ମଧ୍ୟ କିଛି ସମୟ ପାଇଁ ବହି ପଢ଼ିପାରିବେ। ବଡ଼ ପାଟିରେ ବହି ପଢ଼ିବା ଫଳରେ ଉଚ୍ଚାରଣ କରିବା ଦକ୍ଷତା ବୃଦ୍ଧି ପାଇଥାଏ। ଯଦି ପଢ଼ିବାବେଳେ କୌଣସି ଭୁଲ୍ ହୁଏ ତାହା ଜଣା ପଡ଼ିଯାଏ। ତେଣୁ ପଢ଼ିବା ସମୟରେ କେଉଁ ଶବ୍ଦର କିଭଳି ଉଚ୍ଚାରଣ ଏବଂ କେଉଁ ସ୍ଥାନରେ କେତେ ସମୟ ରହିବାକୁ ହେବ ଇତ୍ୟାଦି ବିଷୟରେ ଅଭ୍ୟାସ ହୋଇପାରିବ।

## ଗୀତ ବୋଲିବା

ପିଲାଙ୍କ ପାଇଁ ରାଇମ୍ସ କିମ୍ବା ବିଭିନ୍ନ କବିତା ସବୁକୁ ପଢ଼ିବା ଓ ମନେରଖିବା ବି ସେମାନଙ୍କ ଶିକ୍ଷାଗତ ଯୋଗ୍ୟତାକୁ ପ୍ରତିପାଦନ କରିଥାଏ। ତେଣୁ ପଢ଼ିବା ପାଇଁ ଇଚ୍ଛା ନ ଥିବା ସମୟରେ ପିଲାମାନେ ଚାହିଁଲେ କବିତା ଆବୃତ୍ତି କିମ୍ବା ରାଇମ୍ସ ବୋଲି ସମୟ କଟାଇପାରିବେ। ଏପରି କରିବା ଫଳରେ ଏକ ସମୟରେ ପାଠ ମନେରହିଥାଏ ଓ ପଢ଼ିବାର ଅଭ୍ୟାସ ବଢ଼ିଥାଏ।

## ଶବ୍ଦ ଖେଳ

ପାଠପଢ଼ା ସମୟ ବ୍ୟତୀତ ଖାଇବା ସମୟରେ କିମ୍ବା ଏକାଠି ବସି ଗପସପ କରିବା ବେଳେ ଶବ୍ଦ ଖେଳକୁ ଆପଣେଇ ହେବ। ଘରେ ସମସ୍ତଙ୍କ ସହ ଏଭଳି ଶବ୍ଦ ଖେଳ ଅଭ୍ୟାସ କରି ବେଶ୍ ସହଜରେ ନୂଆ ଶବ୍ଦ ଶିଖିବା ସହ ନିଜର ଶବ୍ଦଜ୍ଞାନ ବଢ଼ାଇ ହେବ। ବିଧିବଦ୍ଧଭାବେ ଏସବୁକୁ ପାଠପଢ଼ା କୁହା ନ ଗଲେ ବି ଏହା ମାଧ୍ୟମରେ ଅନେକ କିଛି ନୂଆ କଥା ଶିଖିପାରିବେ।

## ଅଡିଓ ବୁକ୍ ଶୁଣିବା

ପିଲାମାନଙ୍କୁ ସବୁଠୁ ବେଶି ଆକର୍ଷିତ କରିଥାଏ ଫୋନ୍ କିମ୍ବା ଟିଭି। ତେବେ ଏସବୁ ଦେଖିବାବେଳେ ପିଲାମାନେ ଚାହିଁଲେ ଶିକ୍ଷା ସମ୍ପର୍କିତ ବିଭିନ୍ନ ଭିଡିଓ ଦେଖିପାରିବେ। ଏବେ ଅନ୍‌ଲାଇନ୍‌ରେ ବିଭିନ୍ନ ପଢ଼ାବହି ମଧ୍ୟ ଅଡିଓ ଫର୍ମାଟ୍‌ରେ ଆସୁଛି। ପାଠ ପଢ଼ିବାକୁ ଇଚ୍ଛା ହେଉ ନ ଥିଲେ ଫୋନ୍‌ରେ ଅଡିଓ ଫର୍ମାଟ୍‌କୁ ଆପଣାଇ ବହି ପାଠକୁ ଶୁଣିପାରିବେ। ଏହି ମାଧ୍ୟମରେ ବି ପିଲାମାନେ ପାଠକୁ ବେଶ୍ ସହଜରେ ମନେରଖିପାରିବେ। ସେହିଭଳି ଟିଭିରେ ମଧ୍ୟ ବିଭିନ୍ନ ପ୍ରକାରର ଶିକ୍ଷଣୀୟ କାର୍ଯ୍ୟକ୍ରମ କରାଯାଉଛି। ସେସବୁ କାର୍ଯ୍ୟକ୍ରମ ଦେଖି ମନୋରଞ୍ଜନ କରିବା ସହ ପାଠ ସମ୍ପର୍କିତ ଅନେକ କିଛି ଜାଣିହେବ।

## ପଜଲ୍ ଗେମ୍

ପିଲାଙ୍କ ବୁଦ୍ଧି ବଢ଼ାଇବା ପାଇଁ ବିଭିନ୍ନ ପ୍ରକାର ପଜଲ୍ ଗେମ୍ ରହିଛି। ଏସବୁ ଗେମ୍ ମାଧ୍ୟମରେ ସେମାନେ ଖେଳର ମଜା ନେଇପାରିବେ ଏବଂ ନିଜ ବିଚକ୍ଷଣ ବୁଦ୍ଧିର ପ୍ରମାଣ କରିପାରିବେ।



### ଗପବହି ପଢ଼େ



ଗପବହି ପଢ଼ିବା ମୋର ପିଲାବେଳରୁ ଅଭ୍ୟାସ ରହିଛି। ସେଥିପାଇଁ ବନ୍ଧୁବାନ୍ଧବ ଯାହା ଘରେ ମୋ ପଢ଼ିବା ନିମନ୍ତେ କିଛି ବହି ଥାଏ ତୁରନ୍ତ ନେଇ ଆସେ। ଘରେ ଫାଙ୍କା ସମୟରେ ସେସବୁ ବହି ପଢ଼େ। ସବୁ ସମୟରେ ସ୍କୁଲ ପାଠ କି ଟିଉଶନ ପାଠ ନ ଥାଏ। ତେଣୁ ଘରେ ଥିବା ସମୟରେ ବେଳେବେଳେ ଅନ୍ୟ ବହି ପଢ଼େ। ଏମିତି କି ପ୍ରତିଦିନ ଖବରକାଗଜର କିଛି ପୃଷ୍ଠା ତ ନିଶ୍ଚୟ ପଢ଼େ। ଏସବୁ ଅଭ୍ୟାସ ଭଲ ବୋଲି ଆମ ସାର୍ କହିଛନ୍ତି।

**–ଆଦ୍ୟାଂଶ ବାଗ୍**

କ୍ଲାସ୍–୫, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ, ରସୁଲଗଡ଼, ଭୁବନେଶ୍ୱର

### ଚେସ୍ ଖେଳେ



ପାଠ ପଢିବାକୁ ଇଚ୍ଛା ନ ଥିଲେ ଚେସ୍ ଖେଳେ। ତା'ପରେ ପୂରା ରିଲାକ୍ସ ହେଇଯାଏ। ଖେଳ ସରିବା ପରେ କମ୍ ସମୟ ଭିତରେ ଯାହା ପାଠ ବାକିଥାଏ କରିଦିଏ। ଆଜିପର୍ଯ୍ୟନ୍ତ କେବେ ବି ସ୍କୁଲ କିମ୍ବା ଟିଉସନ୍ ପାଠ ବାକି ରଖେନି। ଏମିତିକି ଅତିଶୀଘ୍ର ସବୁ ପାଠ କରିଦିଏ ବୋଲି ସ୍କୁଲରେ ସମସ୍ତେ ମତେ ଭଲପାଆନ୍ତି। ଆଉ ଚେସ୍ ଖେଳ ପ୍ରତି ଆଗ୍ରହ ପାଇଁ ଏବେ ମୋର ଭିନ୍ନ ଏକ ପରିଚୟ ସୃଷ୍ଟି ହୋଇପାରିଛି। ବିଭିନ୍ନ ପ୍ରକାର ଚେସ୍ ପ୍ରତିଯୋଗିତାରେ ଭାଗ ନେଇ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବାରୁ ପୁରସ୍କୃତ ବି ହୋଇଛି। ତେଣୁ ମୋ ମତରେ ସବୁ ପିଲା ନିଜକୁ କେବଳ ପଢ଼ାବହି ଭିତରେ ସୀମିତ ରଖିବା ଠିକ୍ ନୁହେଁ।

**–ସାଇ ସମ୍ପ୍ରଦା ମହାନ୍ତି**

କ୍ଲାସ୍– ୭, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ, ୟୁନିଟ–୪, ଭୁବନେଶ୍ୱର

### ଫୋନ୍ ଦେଖେ



ବୋର୍ ଲାଗିଲେ ମାମାଙ୍କଠାରୁ ଫୋନ୍ ଆଣି କିଛି ସମୟ ପାଇଁ ଗ୍ରୁପ୍ ଚେକ୍ କରେ। ସ୍କୁଲ ଓ ଟିଉଶନ୍ ଗ୍ରୁପ୍‌ରେ ବିଭିନ୍ନ ପ୍ରକାର ଭିଡିଓ ଆସିଥାଏ ଯାହା ପାଠ ସମ୍ପର୍କିତ। ସେସବୁ ଦେଖିଲେ ଭଲ ଲାଗେ। ହେଲେ ଫୋନ୍‌ରେ ଅନ୍ୟ କିଛି ଗେମ୍ ଦେଖିଲେ ମାମା ପାଟିକରେ। ସେଥିପାଇଁ ଫୋନ୍‌ରେ କେବଳ ବିଭିନ୍ନ ପାଠ ବିଷୟକୁ ନେଇ ରହିଥିବା ଭିଡିଓ ଦେଖେ। ଏବେ ୟୁଟ୍ୟୁବରେ ଗୋଟେ ବିଷୟକୁ ନେଇ ବିଭିନ୍ନ ପ୍ରକାର କ୍ଲାସ୍ ରହିଛି, ସେସବୁ ଦେଖିଲେ ବେଶ୍ ସହଜରେ ପାଠସବୁ ବୁଝିହେଉଛି। **–ଚୌଧୁରୀ ଶ୍ରେୟାଶ ଦାସ**

କ୍ଲାସ୍– ୫, ଡିଏଭି ପବ୍ଲିକ ସ୍କୁଲ, ରାଜାବଗିଚା, କଟକ



୧


୨


୩




୭


୪


୫


୬


୮


ଅଭିଷେକ ଦାସ
କ୍ଲାସ୍- ୯, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧର୍ମବିହାର, ଭୁବନେଶ୍ୱର
୧

ଶ୍ରେୟାଶ୍ ସ୍ୱାଇଁ
କ୍ଲାସ୍- ୪, ବିବେକାନନ୍ଦ ପବ୍ଲିକ ସ୍କୁଲ, ବାଙ୍କୀ, କଟକ

୨


ସାଇଶ୍ରୀ ପାତ୍ର
କ୍ଲାସ୍- ୧, ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ
୩

ଦେବସ୍ମିତା ରାଉତ
କ୍ଲାସ୍- ୫, ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ, ମଙ୍ଗଳପୁର, ଯାଜପୁର

୪


ଅମୃତାରାଣୀ ଦାଶ
କ୍ଲାସ୍- ୫, ସଂସ୍କାର ପବ୍ଲିକ ସ୍କୁଲ, ଭବାନୀପାଟଣା, କଳାହାଣ୍ଡି
୫

ଶ୍ରୀୟାଂଶ ସାହୁ
କ୍ଲାସ୍- ୨, ବିବେକାନନ୍ଦ ପବ୍ଲିକ ସ୍କୁଲ, ବାଙ୍କୀ, କଟକ

୬


ଈଶାନୀ ସାଇ ଶର୍ମା
କ୍ଲାସ୍- ୪, ନିଉ ଡି ପଲ୍ ସ୍କୁଲ, ଆମ୍ବପୁଆ, ବ୍ରହ୍ମପୁର
୭

ଜିଜ୍ଞାସା ପ୍ରହରାଜ
କ୍ଲାସ୍- ୩, ବ୍ଲେଶ୍‌ଡ ସାକ୍ରାମେଣ୍ଟ ହାଇସ୍କୁଲ, ପୁରୀ

୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




# ମୁଣ୍ଡରେ ବଙ୍କାକଲେ ଲୁହାରଡ୍


ଲୁହାର ରଡ୍‌କୁ ହାତରେ ଜୋର ଲଗାଇ ବଙ୍କା କରିବା କଥା ନିହାତି ଅଜବ ମନେହୋଇପାରେ। କିନ୍ତୁ ଏଭଳି ଏକ କାମକୁ ମଧ୍ୟ କେତେକ ବେଶ୍ ସହଜରେ କରିପାରନ୍ତି। ଠିକ୍ ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ବେଙ୍ଗାଲୁରୁର ଭିସ୍‌ପି ଖରାଡି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଗୋଟିଏ କି ଦୁଇଟି ନୁହେଁ ବରଂ ଏକ ମିନିଟ୍‌ରେ ସେ ୨୪ଟି ଲୁହାରଡ୍‌କୁ ମୁଣ୍ଡରେ ରଖି ବଙ୍କା କରିପାରିଛନ୍ତି। ଏତେ କମ୍ ସମୟ ମଧ୍ୟରେ ଏଭଳି ଏକ କାମ କରିଥିବାରୁ ଏବେ ତାଙ୍କ ନାଁ ଗିନିଜ୍ ରେକର୍ଡ୍ସରେ ସ୍ଥାନ ପାଇଛି। ଭିସ୍‌ପି ତାଙ୍କ ମୁଣ୍ଡରେ ଗୋଟିଏ ପରେ ଗୋଟିଏ ୨୪ଟି ଲୁହାରଡ୍‌କୁ ବଙ୍କା କରିପାରିଛନ୍ତି। ତେବେ ଏସବୁକୁ ସେ ମାତ୍ର ୧ ମିନିଟ୍‌ରେ ହିଁ କରିଛନ୍ତି। ଏଭଳି ଏକ ଅସମ୍ଭବ କୌଶଳ ପ୍ରଦର୍ଶନ କରି ଭିସ୍‌ପି ଏବେ ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ସବୁଠୁ କମ୍ ସମୟ ମଧ୍ୟରେ ସର୍ବାଧିକ ଲୁହାରଡ୍ ବଙ୍କା କରିପାରିଥିବାରୁ ସେ ଏହି ରେକର୍ଡ କରିଛନ୍ତି। ସେ ତାଙ୍କର ଏ ସମ୍ପର୍କିତ ଏକ ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ, ଯାହାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହେବା ସହିତ ପ୍ରଶଂସା ବି କରିଛନ୍ତି। ଏଭଳି କାମ କରିଥିବାରୁ କିଛି ଲୋକ ତାଙ୍କୁ ଆଇରନ ମ୍ୟାନ୍ ମଧ୍ୟ କହୁଛନ୍ତି।

## ଏଥରର

- ପୃଥିବୀ ଚନ୍ଦ୍ରର କେତେଗୁଣ ବଡ଼ ?
- କେଉଁ ତିଥିରେ ସୂର୍ଯ୍ୟୋପରାଗ ହୁଏ ?
- ପିରାମିଡ୍‌ର ଦେଶ ?
- ନଦୀ ନ ଥିବା ଦେଶ ?
- କୁତବମିନାର କେଉଁଠାରେ ଅବସ୍ଥିତ ?

## ଗତଥରର ଉତ୍ତର

- ଭାରତ
- ଭାଟିକାନ ସିଟି
- ପୃଥିବୀ
- ଚନ୍ଦ୍ର
- ଶୁକ୍ର





## କବିତା

### ଚାଲଯିବା ଚିଲିକାକୁ

ସାଇବେରିଆର କୁନି ଚଢ଼େଇଟି
ଶୀତରେ ଥରିଥରି
ପାଖକୁ ଆଉଜି କହିଲା ମାଆଲୋ
ଜାଡ଼ ଦେଖି ଯାଏ ଡରି।
ରହିବା କେମିତି ଏତେ ଥଣ୍ଡାଟାରେ
ରକ୍ତ ହୋଇଯିବ ପାଣି
ଉପାୟଟି କିଛି ଦେ ମାଆ ବତେଇ
ଅଛୁ ଯଦି ତୁହି ଜାଣି।
ମାଆ ବୁଝେଇଲା ପ୍ରତିବର୍ଷ ଆମେ
ଶୀତ ଗଲେ ବେଶି ପଡ଼ି
କେଇ ମାସ ପାଇଁ ସାଇବେରିଆକୁ
ଯାଉଥାଉ ପରା ଛାଡ଼ି।
ଆସିଗଲା ଆସିଗଲା ସେ ସମୟ
ଯିବା ନୂଆ ଇଲାକାକୁ
ଶୀତ କଟେଇବା ତା' ନଳବଣରେ
ଚାଲ ଯିବା ଚିଲିକାକୁ।

**– ନୀଳମଣି ଚାନ୍ଦ,** ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

### ଜେଜେ ମା'

ଆକାଶଠୁ ବଡ଼ ବାପା, ପୃଥିବୀଠୁ ବଡ ମା'
ଆକାଶ ପୃଥିବୀ ଯାହା ଆଗେ
ଛୋଟ ଲାଗନ୍ତି
ସେହି ପରା ଜେଜେ ମା'।
ଆମ ଜୀବନର ଖରାବେଳେ
ସେ ଗୋଟେ ବରଗଛ ଛାଇ
ସେ ଛାଇ ତଳେ ହସି ଖେଳି
ବଡ଼ ହେଇଛୁ ଆମେ ଭଉଣୀ ଭାଇ।
ତାଙ୍କ ସ୍ନେହ ଶରଧା ତାଙ୍କ ପ୍ରୀତି ମମତା
ବହୁଛି ଆମ ଦେହେ ରକତ ହେଇ।
ଥିବା ଯାଏ ଶେଷ ରକତ ଟୋପା
ତାଙ୍କୁ କେବେ ଭୁଲିବି ନାହିଁ।

**– ପ୍ରିୟାଂଶୀ ସାହୁ,** କ୍ଲାସ୍-୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରହ୍ମପୁର

### ସକାଳ

ସକାଳ ଆସଇ ଶୀତଳ ଛୁଆଁରେ
ଫୁଲର ମହକ ନେଇ
ପକ୍ଷୀଙ୍କ ରାବରେ ସୂରୁଜ କିରଣେ
ପୃଥିବୀଟା ହସୁଥାଇ।
ସୁନେଲି କିରଣ ସ୍ୱର୍ଣ୍ଣାଭ ବେଳାରେ
ଆରମ୍ଭ ହୁଅଇ ଦିନ
ଟିକି ଫୁଲଫୁଟି ପାଖୁଡ଼ା ମେଲାଏ
ମୋହଇ ସଭିଙ୍କ ମନ।
କଅଁଳ ଖରାରେ ଚମକଇ ଘାସ
ମୁକୁତା ପରି ଦିଶଇ
ଫୁଲ ଫଳେ ଭରି ଧରଣୀରାଣୀ
କି ସୁନ୍ଦର ଦିଶୁଥାଇ।
ଝରାଫୁଲ ଝରି ଭୂଇଁରେ ଲୋଟଇ
କୁକ୍କୁଟ ଯେ ରାବଦିଏ
ନୂଆ ସକାଳରେ ନୂଆ କିରଣ
ନୂତନ ବାରତା ଦିଏ।

**– ରମାକାନ୍ତ ଦାସ**
ନନ୍ଦିଗ୍ରାମ, ନାଉଗାଁ,
ଜଗତ୍‌ସିଂହପୁର
ମୋ: ୯୬୬୮୮୧୫୩୬୯

### ଫୁଲ

ଗଛର ସିଏ ଶୋଭା ବଢ଼ାଏ
ନାଆଁଟି ତା'ର ଫୁଲ,
ଏମିତି ଅଙ୍ଗ କେତେ ଯେ ରଙ୍ଗ
ହେବ କେ ସମତୁଲ ?
ଯେମିତି ହସ ସେମିତି ବାସ
ପାଗଳ କରେ କେତେ,
ପରଜାପତି ଆସେ ତା' କତି
ଆସେ ମଧୁପ ସତେ।
ଫୁଲରୁ ଫଳ ଫଳରୁ ବଳ
ପାଆନ୍ତି ଜୀବ କୁଳ,
ତା' ବିନା ଗଛ ଲାଗଇ ତୁଚ୍ଛ
କେଡ଼େ ସେ ମନୋହର।
ଦେବ ମନ୍ଦିରେ ଦେବତା ଶିରେ
ପାଏ ସେ କେବେ ସ୍ଥାନ,
ଶବ ସାଥିରେ ମଶାଣି ଧାରେ
ବଳାଏ କେବେ ମନ।
ମନ୍ତ୍ରୀ ସାଥେ ଅତିଥି ହାତେ
ବଢ଼ାଏ କେବେ ମାନ,
ଘର ଠିକଣା ତାକୁ ଅଜଣା
ସବୁଠି ତା'ର ସ୍ଥାନ।

**– ପ୍ରଶାନ୍ତ କୁମାର ସାହୁ**
ଇନ୍ଦ୍ରପୁର, ଘଣାଶାଳ ସାହି,
ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬

## କହିଲ ଦେଖି

ଶୀତ ସକାଳରେ ଆସଇ ମାଡ଼ି
ସତେ କି ଲାଗୁଛି ବରଷାଝଡ଼ି
ଅନ୍ଧକାର ଅଟେ ରୂପଟି ତା'ର
ଭିଜାଇ ଦିଏ ସେ ସାରାଶରୀର
ସୂର୍ଯ୍ୟକିରଣରେ ହଜି ସେ ଯାଏ
ନାମଟି ତାହାର କୁହ କିଏ ?



**ଉ- କୁହୁଡ଼ି**

ଉଷୁମ ପୋଷାକ ଅଟଇ ସିଏ
ଶୀତଦିନରେ ଦେଖା ସେ ଦିଏ
ପିନ୍ଧି ପକେଇଲେ ଦେହରେ ଥରେ
ଛାଡ଼ି ଚାଲିଯାଏ ଶୀତଟି ଦୂରେ
କିଏ ସେ ପାରିବ ନାମଟା କହି
ଉଲ୍‌ରେ ତିଆରି ହୁଅଇ ସେହି ?



**ଉ- ସ୍ୱେଟର୍**

ଟାୱେଲ୍ ପରିକା ରୂପଟି ତା'ର
ଶୀତଦିନେ ହୁଏ ତା' ବ୍ୟବହାର
ଶରୀରକୁ ଆମ ରଖେ ସେ ଢାଙ୍କି
ଶୀତ ଚାଲିଯାଏ ତାକୁ ତ ଦେଖି
ସମ୍ମାନିତ କାହାକୁ କରିବା ପାଇଁ
ବ୍ୟବହୃତ ପୁଣି ହୁଅଇ ସେହି
ଭାରି ଉପକାରୀ ଅଟଇ ସିଏ
ନାମଟି ତାହାର କହିବ କିଏ ?



**ଉ- ଶାଲ୍/ଚାଦର**

ଶୀତ ଆସିଯାଏ ଧରାକୁ ଯେବେ
ଦେଖାଦିଏ ସିଏ ଆମକୁ ତେବେ
କ୍ଷୁଦ୍ର ଆକାରର ଅଟେ ସେ କୋଳି
କଣ୍ଟାର ଲତାରୁ ଖାଆନ୍ତି ତୋଳି
କଳା ମୁଚୁମୁଚୁ ରଙ୍ଗଟି ତା'ର
ଦିଶୁଥାଏ ସିଏ ଭାରି ସୁନ୍ଦର
ସେହି କୋଳି ତୋଳି ଖାଇଛ ଯିଏ
ନାମଟି ତାହାର ନିଶ୍ଚେ କହିବ ସିଏ ?



**ଉ- କଣ୍ଟିକୋଳି**

**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫



# ଲମ୍ବା ଟନେଲ୍

ବିଶ୍ୱର ଅନେକ ସ୍ଥାନରେ ଟନେଲ ବା ସୁଡ଼ଙ୍ଗ ଦେଖିବାକୁ ମିଳିଥାଏ। ପିଲାଏ, ତୁମେମାନେ ଜାଣି ଆଶ୍ଚର୍ଯ୍ୟ ହେବ ଯେ ବିଶ୍ୱର ସବୁଠାରୁ ଲମ୍ବା ଟନେଲ୍ ଆମ ଦେଶରେ ଅବସ୍ଥିତ। ଏହି ଟନେଲ୍‌କୁ 'ଅଟଳ ଟନେଲ୍' ନାମରେ ନାମିତ କରାଯାଇଛି। ୨୦୨୦ ମସିହାରେ ଏହାକୁ ସର୍ବସାଧାରଣଙ୍କ ପାଇଁ ଖୋଲା ଯାଇଥିଲା। ପ୍ରାୟ ୧୦ ହଜାର ଫୁଟ ଉଚ୍ଚରେ ନିର୍ମିତ ଏହି ଟନେଲ ହିମାଚଳ ପ୍ରଦେଶ ମଧ୍ୟରେ ଯାଇଥିବା ଜାତୀୟ ରାଜପଥ-୩ରେ ଅବସ୍ଥିତ। ଏହା ମନାଲିକୁ ଲେହ ସହ ସଂଯୋଗ କରିଛି। ଏହାକୁ ନିର୍ମାଣ କରିବାକୁ ପ୍ରାୟ ୧୦ ବର୍ଷ ସମୟ ଲାଗିଥିଲା। ବିଶେଷ ଭାବରେ ଶୀତଦିନେ ଏଠାରେ ପ୍ରବଳ ବରଫ ପଡୁଥିବାରୁ ଯାତାୟାତରେ ଅସୁବିଧା ହୋଇଥାଏ। ଏହାକୁ ଦୂର କରିବା ପାଇଁ ଏଭଳି ଲମ୍ବା ଟନେଲ୍ ନିର୍ମାଣ କରାଯାଇଛି। ନିରାପତ୍ତା ଦୃଷ୍ଟିରୁ ଏହି ସୁଡ଼ଙ୍ଗର ପ୍ରତି ୬୦ ମିଟର ଦୂରତାରେ ଗୋଟିଏ ଲେଖାଏଁ ସିସିଟିଭି କ୍ୟାମେରା ଲଗାଯାଇଛି। କେବଳ ସେତିକି ନୁହେଁ, ଏହାର ପ୍ରତି ୫୦୦ ମିଟର ଦୂରତାରେ ଜରୁରିକାଳୀନ ପ୍ରସ୍ଥାନ ବାଟ ରହିଛି। ସୁଡ଼ଙ୍ଗଟିର ଲମ୍ବ ୮.୮ କିଲୋମିଟର ହୋଇଥିବା ବେଳେ ଚଉଡ଼ା ୧୦.୫ ମିଟର, ଯେଉଁଥିରେ ଦୁଇପଟରୁ ୧ ମିଟର ଚଉଡ଼ାର ଫୁଟ୍‌ପାଥ୍ ମଧ୍ୟ ରହିଛି।

# କ୍ଷୁଧା ମେଣ୍ଟାଇବାର ଅଭିନବ ଉପାୟ





ପୃଥିବୀରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ବସବାସ କରୁଛନ୍ତି। ବଞ୍ଚି ରହିବା ପାଇଁ ଖାଦ୍ୟ ଅପରିହାର୍ଯ୍ୟ। ହେଲେ ଏଭଳି କେତେକ ପ୍ରାଣୀ ଅଛନ୍ତି, ଯେଉଁମାନେ ଖାଦ୍ୟ ସଂଗ୍ରହ ସମୟରେ ଯଦି ଏହାକୁ ନ ପାଇଲେ ତେବେ ନିଜ ମାଂସକୁ ନିଜେ ଖାଇଥାଆନ୍ତି। ଏହା ନିଶ୍ଚିତ ଏକ ବିଚିତ୍ର ତଥା ଆଶ୍ଚର୍ଯ୍ୟଜନକ କଥା, କିନ୍ତୁ ତାହା ପଛରେ ସତ୍ୟତା ରହିଛି। ଆସନ୍ତୁ ଜାଣିବା ଏଭଳି କେତେକ ପ୍ରାଣୀଙ୍କ ବିଷୟରେ...





**ହେମଷ୍ଟର :** ହେମଷ୍ଟର ଏପରି ଏକ ପ୍ରାଣୀ, ଯିଏକି ଭୋକ ଲାଗିଲା ମାନେ ନିଜ ମାଂସକୁ ନିଜେ ଖାଇଥାଏ।

**ଅକ୍ଟୋପସ୍:** ଏହା ଏପରି ଏକ ଜୀବ, ଯିଏକି ସମୁଦ୍ରରେ ବସବାସ କରେ। ଭୋକ ଲାଗିଲା ମାନେ ନିଜ ମାଂସକୁ ଖାଇଥାଏ।

**ହେଜହଗ:** ହେଜହଗ ଏପରି ଏକ ଜୀବ, ଯିଏକି ନିଜ ମାଂସ ନିଜେ ଖାଇଥାଏ।

**ଗୋଲ୍ଡଫିଶ :** ଏହା ଦେଖିବାକୁ ଭାରି ସୁନ୍ଦର। ଗୋଲ୍ଡଫିଶ୍ ଭୋକ ଲାଗିଲା ମାତ୍ରେ ନିଜ ମାଂସ ଖାଇଥା'ନ୍ତି।

**ଝିଟିପିଟି :** ଏହି ଜୀବକୁ ଭୋକ ଲାଗିଲା ମାତ୍ରେ ନିଜ ମାଂସକୁ ନିଜେ ଖାଇଥାଏ।

**ମୂଷା:** ଯଦି ମୂଷାକୁ ଭୋକ ଲାଗେ, ତେବେ ସେ ନିଜ ମାଂସକୁ ନିଜେ ଖାଏ।

**ମେଣ୍ଟିସ୍:** ଏହା ଏପରି ଏକ ପୋକ , ଯିଏକି ଭୋକ ଲାଗିଲା ମାତ୍ରେ ନିଜ ମାଂସକୁ ନିଜେ ଖାଆନ୍ତି।



# ଜଳ



**ଜୀ**ବଜଗତ ପାଇଁ ପ୍ରକୃତିର ଅନ୍ୟତମ ବରଦାନ ହେଉଛି ଜଳ। କଥାରେ ଅଛି- 'ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସର୍ବନାଶ'। ଏହା ତିନୋଟି ଅବସ୍ଥା- ତରଳ, କଠିନ, ଗ୍ୟାସୀୟ ଅବସ୍ଥାରେ ଥାଏ। ପ୍ରତି ଜଳ ଅଣୁର ବସ୍ତୁତ୍ୱ ୧୮। ଏହାର ଘନତ୍ୱ ୧ ଗ୍ରାମ ଘନ ସେ.ମି. ଏବଂ ଏହାର ଗଳନାଙ୍କ ଓ ସ୍ଫୁଟନାଙ୍କ ଯଥାକ୍ରମେ ୦ ଓ ୧୦୦ ଡିଗ୍ରୀ ସେଲ୍‌ସିୟସ୍। ପ୍ରତି ଜଳ ଅଣୁରେ ହାଇଡ୍ରୋଜେନ୍ ଓ ଅକ୍ସିଜେନ୍ ପରମାଣୁ ଦ୍ୱୟର ବସ୍ତୁତ୍ୱର ଅନୁପାତ ୧:୮। ଏହି ପରମାଣୁ ଦ୍ୱୟ ଏକ ସହ-ସଂଯୋଜୀ ରାସାୟନିକ ବନ୍ଧ ଦ୍ୱାରା ପରସ୍ପର ସହିତ ସଂଯୁକ୍ତ ହୋଇଥା'ନ୍ତି। ଜଳର ଗୁପ୍ତତାପ ଅନ୍ୟ ସମତୁଲ୍ୟ ତରଳମାନଙ୍କଠାରୁ ଯଥେଷ୍ଟ ଅଧିକ ହୋଇଥିବାରୁ ଏହା ତରଳ ଅବସ୍ଥାରୁ ବାଷ୍ପୀୟ ଅବସ୍ଥାରେ ପରିଣତ ହେବା ପାଇଁ ବିପୁଳ ତାପ ଗ୍ରହଣ କରୁଥିବାବେଳେ ବାଷ୍ପୀୟ ଅବସ୍ଥାରୁ ଘନୀଭୂତ ହୋଇ ତରଳ ଅବସ୍ଥା ଧାରଣ କଲେ ବିପୁଳ ତାପ ଉତ୍ସର୍ଜନ କରେ। ବିଶୁଦ୍ଧ ଜଳର ପି.ଏଚ୍.ର ମୂଲ୍ୟ ୭। ଜଳର ଏଭଳି କିଛି ଅଦ୍ୱିତୀୟ ଧର୍ମ ପାଇଁ ପୃଥିବୀପୃଷ୍ଠରେ ଜୀବନ ବଞ୍ଚିବା ସମ୍ଭବପର ହୋଇପାରିଛି। ପୃଥିବୀରେ 'ଜଳଚକ୍ର' ପ୍ରକ୍ରିୟା ଦ୍ୱାରା ଭୂପୃଷ୍ଠ ଓ ଆକାଶ ମଧ୍ୟରେ ଜଳର ନିରନ୍ତର ସଞ୍ଚରଣ ଘଟୁଛି।



# ଆ ଇ ନା



ଆଞ୍ଚଲ ମଲ୍ଲିକ
୩ ବର୍ଷ / ସୋନପୁର



ତିଥୀ ତ୍ରିପର୍ଣ୍ଣା ନାଥ
୪ ବର୍ଷ / ଯାଜପୁର